**ଭାରତୀୟ ଜନତା ପାର୍ଟି**

**୧୧, ଅଶୋକ ରୋଡ଼, ନୂଆ ଦିଲ୍ଲୀ**

**ସାଂସଦ ଓ ବି.ଜେ.ପି ର ରାଷ୍ଟ୍ରୀୟ ସମ୍ପାଦକ ଶ୍ରୀ ଅନନ୍ତ କୁମାରଙ୍କ ମଧ୍ୟବର୍ତ୍ତୀ କାଳୀନ ରେଳ ବଜେଟ ୨୦୧୪-୧୫ ନେଇ ପ୍ରେସ ବିଜ୍ଞପ୍ତି ।**

ଶ୍ରୀ ମଲ୍ଲିକାର୍ଜୁନ ଖର୍ଗ ବର୍ତ୍ତମାନ ଯେଉଁ ମଧ୍ୟବର୍ତ୍ତୀ କାଳୀନ ରେଳ ବଜେଟ ଉପସ୍ଥାପନା କରିଛନ୍ତି ତାହା ନିର୍ବାଚନ ପାଇଁ ଲୋକ ଦେଖାଣିଆ କହିଲେ ମଧ୍ୟ ଭୁଲ ହେବନାହିଁ । ଯାହାକି ଆଗାମୀ ୧୫ ଦିନ ପର୍ଯ୍ୟନ୍ତ ତିଷ୍ଠି ରହିବା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରେ । ଏହାକୁ ଉ.ପା ସରକାରଙ୍କର ବିଦାୟ କାଳୀନ ବଜେଟ କହିଲେ ମଧ୍ୟ ହେବ । କାରଣ ଆଜି ଦେଶ ନରେନ୍ଦ୍ର ମୋଦିଙ୍କ ସରକାର ଦ୍ୱାରା ପ୍ରସ୍ତୁତ ଏକ ବାସ୍ତବ ରେଳ ବଜେଟର ପ୍ରତୀକ୍ଷାରେ ରହିଅଛି ।

ଗତ ୧୦ ବର୍ଷ ମଧ୍ୟରେ ରେଳ ସେବା ଦୃଷ୍ଟିରୁ ଦେଖିବାକୁ ଗଲେ କର୍ଣ୍ଣାଟକ ରାଜ୍ୟ ପାଇଁ କିଛି ଉନ୍ନତି ମୂଳକ କାର୍ଯ୍ୟ ହୋଇନାହିଁ । ତେଣୁ କର୍ଣ୍ଣାଟକର ଜନତା ଉକ୍ତ ବାସ୍ତବ ରେଳ ବଜେଟ ପାଇଁ ତଥା ଆଗାମୀ ଲୋକସଭା ନିର୍ବାଚନ ପରେ ଶ୍ରୀମତୀ ସୋନିଆ ଗାନ୍ଧି, ଡ଼ଃ ମନମୋହନ ସିଂହ ଓ ରାହୁଲ ଗାନ୍ଧିଙ୍କ ପାଶରୁ ଖୁବ ଶୀଘ୍ର ମୁକୁଳିବାକୁ ଚାହାନ୍ତି ।

କର୍ଣ୍ଣାଟକରେ ଥିବା ବି.ଜେ.ପି ସରକାର ନିଜ ରାଜ୍ୟରେ ରେଳ ବିଭାଗକୁ ଅଧିକ ଗୁରୁତ୍ୱ ଦେଉଥିଲା । ଉକ୍ତ ବିଭାଗ ପାଇଁ ଅଧିକ ଅର୍ଥ ଯୋଗାଣ, ରେଳ ଯୋଜନା ପାଇଁ ମୁକ୍ତରେ ଜମି ଯୋଗାଣ କରିବା ସହ ସେଥିପାଇଁ ଏକ ସ୍ୱତନ୍ତ୍ର କମିଟି ବସାଇଥିଲେ । ଏସବୁ ସତ୍ତ୍ୱେ କର୍ଣ୍ଣାଟକ ତଥା ଦକ୍ଷିଣ ପଶ୍ଚିମାଞ୍ଚଳରେ ନୂତନ ରେଳ ଚଳାଚଳ, ତାହାର ବିଦ୍ୟୁତ ଯୋଗାଣ, ରେଳ ଧାରଣା ସଂପ୍ରସାରଣ, ନୂତନ ଧାରଣା ତିଆରି ତଥା ଯାତ୍ରୀ ମାନଙ୍କର ସୁବିଧା ଉପଲବ୍ଧ ହୋଇନାହିଁ । ଯେଉଁଠିକି କର୍ଣ୍ଣାଟକ ତଥା ଦକ୍ଷିଣ ପଶ୍ଚିମ ରେଳ ବିଭାଗ ଦେଶର ପୁଞ୍ଜି ବୃଦ୍ଧି ହାରରେ ଅଧିକ ଅର୍ଥ ଯୋଗାଇଆସୁଅଛି ।

୧-ଉପା ସରକାରର ବିଫଳତା ହେତୁ କିଛି ଯୋଜନା ପି.ପି.ପି ଅବସ୍ଥାରେ ରହିଅଛି । ଯଦିଓ କର୍ଣ୍ଣାଟକ ସରକାର ଜମି, ଅର୍ଥ ଆଦି ରାଜ୍ୟ ବଜେଟ ତରଫରୁ ଯୋଗାଉଅଛି  ହେଲେ କେନ୍ଦ୍ର ସରକାରଙ୍କ ସହଯୋଗ ବିନା ପ୍ରତ୍ୟେକ ଯୋଜନା ଅଧା ହୋଇ ରହିଅଛି ।

୨–ବାଙ୍ଗାଲୋର ପାଇଁ ସୁବୁରବନ ରେଳ ସେବା ପାଇଁ କର୍ଣ୍ଣାଟକ ସରକାର ୫୦% ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ବାଙ୍ଗାଲୋର–ମହୀଶୂର ଓ ବାଙ୍ଗାଲୋର–ଟୁଙ୍କୁର ରେଳ ଧାରଣା ସଂପ୍ରସାରଣ, ବିଦ୍ୟୁତ ଯୋଗାଣ ତଥା ସ୍ୱୟଂ ଚାଳିତ ସିଗନାଲ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବରେ ଅଣଦେଖା କରାଯାଉଅଛି ।

୩–କର୍ଣ୍ଣାଟକ ଦେଶର ଅଷ୍ଟମ ବୃହତମ ଦେଶ ହୋଇଥିବା ବେଳେ ଜାମ୍ମୁ କାଶ୍ମୀରକୁ ବାଦ ଦେଲେ ରେଳ ସେବାର ଘନତା ଦୃଷ୍ଟିରୁ ନିମ୍ନରୁ ଚତୁର୍ଥରେ ରହିଅଛି ।

୪–ବାଙ୍ଗାଲୋର ଦେଶର ଏକ ବିକାଶଶୀଳ ସହର ତଥା ଆଇ.ଟି କ୍ଷେତ୍ରରେ ସବୁଠାରୁ ଅଗ୍ରଣୀ ଥିବା ସତ୍ତ୍ୱେ ଉକ୍ତ ବଜେଟରେ କେବଳ କୋଟ୍ରା କୁ ସିଧା ରେଳ ସେବା ଯୋଗାଇ ଦିଆଯାଉଥିବା ବେଳେ କର୍ଣ୍ଣାଟକରୁ ଅମୃତସର, ଜାମ୍ମୁ ତାୱି, ଡ଼େରାଡ୍ଡୁନ ଓ ବାରଣାସୀକୁ ସିଧା ରେଳ ସେବା ଉପଲବ୍ଧ ହୋଇନାହିଁ ।

୫–କର୍ଣ୍ଣାଟକର ପ୍ରତ୍ୟେକ ସହରରେ ଯାତ୍ରୀ ସୁରକ୍ଷା ଓ ରେଳ ଷ୍ଟେସନ ନେଇ ଆଦୌ ଧ୍ୟାନ ଦିଆ ଯାଇନାହିଁ ।

୬–ସେଠି ସାଧାରଣ ଲୋକଙ୍କୁ ଯାତ୍ରା ପାଇଁ ଏକ ମାସ ପୂର୍ବରୁ ଅଧିକ ଅର୍ଥ ବିନିମୟରେ ରେଳ ଟିକଟ କରିବା ସମ୍ଭବପର ହେଉନାହିଁ । ଏପରିକି ଇଣ୍ଟରନେଟରେ ମଧ୍ୟ ଟିକଟ କରାଯିବାର ବ୍ୟବସ୍ଥା ଉପଲବ୍ଧ ହେଉନାହିଁ ।

୭–କର୍ଣ୍ଣାଟକର ରେଳ ବଗି ଗୁଡ଼ିକର ସ୍ଥିତି ବିଗତ ୧୦ ତଳେ ଯାହା ଥିଲା ଆଜି ମଧ୍ୟ ସେପରି ପୁରୁଣା ଅବସ୍ଥାରେ ରହିଅଛି ।

୮–ସୁରକ୍ଷା କ୍ଷେତ୍ର ପ୍ରତି ଧ୍ୟାନ ଦିଆ ନଯିବା ହେତୁ ଗତ ଦୁଇ ବର୍ଷ ମଧ୍ୟରେ ଦୁର୍ଘଟଣାର ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାକୁ ଲାଗିଛି ।

–୨୮.୧୨.୨୦୧୩ ରେ ଆନନ୍ଦପୁର ଜିଲ୍ଲାର ବାଙ୍ଗାଲୋର ସିଟି–ନନଡ଼େଡ଼ ଏକ୍ସପ୍ରେସରେ ଅଗ୍ନି ସଂଯୋଗ ।

– ୧୦.୦୪.୨୦୧୩ ରେ ଆରାକୋନମ ନିକଟରେ ମୁରଜାଫରପୁର–ଯଶୱନ୍ତପୁର ଏକ୍ସପ୍ରେସର କକ୍ଷଚ୍ୟୁତି ।

-୧୯.୦୪.୨୦୧୨ ରେ ମେଡ଼କ ଠାରେ ଇନ୍ଦୋର - ଯଶଓ୍ୱନ୍ତପୁର ଏକ୍ସପ୍ରେସ ର ଦୁର୍ଘଟଣା ।

-୨୨.୦୫.୨୦୧୨ରେ ପେନୁକୋଣ୍ଡା ଠାରେ ହୁବ୍ଲି- ବାଙ୍ଗାଲେଶର ଏକ୍ସପ୍ରେସର ଏକ ମାଲ ଗାଡ଼ି ସହ ଦୁର୍ଘଟଣା ।